HSIL

moonbow
expect the unexpected

**PRESS MONITOR**

Publication : Samaya
Edition : Bhubaneswar
Date : February 18, 2017

---

# ମୁନ୍-ବୋ ପକ୍ଷରୁ ଭାରତରେ ସ୍ୱଚ୍ଛ ପିଇବା ପାଣି ଉପଲବ୍ଧ ପାଇଁ ଟିଭି କମର୍ସିଆଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୭।୨(ପି.ଏନ): ସାନିଟାରୀ ଉତ୍ପାଦ କ୍ଷେତ୍ରରେ ଦୀର୍ଘ କାରବାର ଜାରି ରଖିଥିବା କମ୍ପାନୀ ଏଚ୍‌ଏସ୍‌ଆଇଏଲ୍ ପକ୍ଷରୁ ଏହାର ବ୍ୟବସାୟିକ ନେଟୱର୍କ ସମ୍ପ୍ରସାରଣ ନିମନ୍ତେ ମୁନ୍-ବୋ ୱାଟର ପ୍ୟୁରିଫାୟର୍ ପାଇଁ ନୂତନ ଟିଭି ବିଜ୍ଞାପନ ଆରମ୍ଭ କରାଯାଇଛି। ଏହି ବିଜ୍ଞାପନର ନାମ ରହିଛି 'ଅବ ଇଣ୍ଡିଆ ପିଏଗା ଆଚ୍ଛା'। ଏହି ବିଜ୍ଞାପନରେ ଭାରତୀୟ ନିରୀହ ଶିଶୁଙ୍କ ସାମାଜିକ-ଆର୍ଥିକ ପୃଷ୍ଠଭୂମି ଉପରେ ପ୍ରଦର୍ଶନ କରାଯାଇଛି। ଏଥିରେ 'ଆଚ୍ଛା ପାନି ଶେୟାର କରନା ଆଚ୍ଛି ଆଦତ ହେ' ବୋଲି ଦର୍ଶାଯାଇଛି। ଏହି ନୂତନ ଟିଭି ବିଜ୍ଞାପନରେ ଦେଶର ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପିଇବା ପାଣି ଉପଲବ୍ଧ କରାଇବା ନେଇ ପ୍ରୟାସ ଆରମ୍ଭ କରାଯାଇଛି। ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର କନ୍‌ଜ୍ୟୁମର ପ୍ରଡକ୍ଟ ଡିଭିଜନ୍ ସଭାପତି ଶ୍ରୀ ରାକେଶ କାଉଲ୍ କହିଲେ,ସମ୍ପ୍ରତି ଭାରତ ସମ୍ମୁଖରେ ସ୍ୱଚ୍ଛ ପିଇବା ପାଣି ଏକ ମୁଖ୍ୟ ସମସ୍ୟା ଭାବରେ ଛିଡା ହୋଇଥିବାବେଳେ ଏହି ନୂତନ ଟିଭି ବିଜ୍ଞାପନ ଦେଶର ସାଧାରଣ ଜନତାଙ୍କ ଉପରେ ସକରାତ୍ମକ ପ୍ରଭାବ ଅନୁଭୂତ କରାଇବାକୁ ସକ୍ଷମ ହେବ। ଏହି ବିଜ୍ଞାପନ ପ୍ରାଇମ୍ ଟାଇମ୍‌ରେ ବିଭିନ୍ନ ମନୋରଂଜନ ଚ୍ୟାନେଲରେ ପ୍ରସାରିତ ହେଉଛି।" ଏହି ଟିଭି ବିଜ୍ଞାପନ ଦେଶର ସାଧାରଣ ଜନତାଙ୍କ ମଧ୍ୟରେ ଐକ୍ୟ ଭାବ ସୃଷ୍ଟି କରିବାକୁ ସକ୍ଷମ ହେବା ସହିତ ବିଭିନ୍ନ ସାମାଜିକ ପ୍ରତିବନ୍ଧକୁ ଉନ୍ମୁକ୍ତ କରିବାରେ ସଫଳ ହେବ। ଏହି ଅବସରରେ ବିଜ୍ଞାପନର ନିର୍ଦ୍ଦେଶକ ଅମନ ସଇଦେବା କହିଛନ୍ତି ଯେ, ଆମେ ସମ୍ପ୍ରତି ଓପୋ ଫୋନ୍ ଟିଭି ବିଜ୍ଞାପନରେ ଋତିକ୍ ରୋଶନ୍, ଆକାଶ ଭିଜିଟାଲ ନେଷ୍ଟଲେ ଏବଂ ଶକ୍ତି ମନ୍ତ୍ରଣାଳୟ ସହିତ କାର୍ଯ୍ୟ କରୁଛୁ। ମୁନ୍-ବୋ ସହିତ କାର୍ଯ୍ୟକରି ଆମେ ବେଶ୍ ଆନନ୍ଦିତ। ଏହି ଟିଭି ବିଜ୍ଞାପନ ସମ୍ପର୍କରେ ଟିମ୍ କଣ୍ଟ୍ରାକ୍ଟ କହିଛନ୍ତି ଯେ, ସମ୍ପ୍ରତି ବିଭିନ୍ନ ବ୍ରାଣ୍ଡ ନିଜର ଲୋକପ୍ରିୟତା ହାସଲ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରୁଥିବାବେଳେ ମୁନ୍-ବୋର ଟିଭି ବିଜ୍ଞାପନ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇଛି। ଏଚ୍‌ଏସ୍‌ଆଇଏଲ୍ ମୁଖ୍ୟତଃ ବିଲିଡିଂ ଉତ୍ପାଦ ଏବଂ କଣ୍ଟେନର ଗ୍ଲାସ୍ କାରବାର କରୁଥିବାବେଳେ ସମ୍ପ୍ରତି ସାନିଟାରୀ ଉତ୍ପାଦ, ୱେଲନେସ୍ ଏବଂ ଆଲାଏଡ଼ ଉତ୍ପାଦ ତଥା କନ୍‌ଜ୍ୟୁମର ଉତ୍ପାଦ ପ୍ରସ୍ତୁତି ଆରମ୍ଭ କରିଛି। ବଜାରରେ ଏହାର କ୍ୟୁଏ, ହିଣ୍ଡୱେର ଇଟାଲିଆନ୍ କଲେକସନ୍, ହିଣ୍ଡୱେର ଆର୍ଟ, ହିଣ୍ଡୱେର, ଆମୋର, ଭେଞ୍ଜ ଏବଂ ବେନ୍‌ଜେଲ୍ ବେଶ୍ ପରିଚିତି ହାସଲ କରିପାରିଛି। ସେହିପରି ମୁନ୍-ବୋ ୨୦୧୫ରେ ସ୍ଥାପିତ ହୋଇଥିବାବେଳେ ଏହା ୱାର୍ଲ୍ଡ କନସଲଟିଙ୍ଗ ଏବଂ ରିସର୍ଚ୍ଚ କର୍ପୋରେସନ୍ ଦ୍ୱାରା ୨୦୧୬-ବ୍ରାଣ୍ଡ ଅଫ୍ ଦି ଇୟର ଇମର୍ଜିଙ୍ଗ ନଂ-୧ ପୁରସ୍କାର ହାସଲ କରିଥିବାବେଳେ ଗତ ପଞ୍ଚ ବର୍ଷ ଧରି କମ୍ପାନୀ ଏହାର ବିକାଶ ଧାରା ଜାରି ରଖିଛି।